# ୯

# ଜରୁରୀକାଳୀନ ବ୍ୟବସ୍ଥା


ତୁମେ ପୂର୍ବ ଅଧ୍ୟାୟ ପଢ଼ିଲ ଯେ, ଭାରତର ସମ୍ବିଧାନର ଗଠନ ପ୍ରଣାଳୀ ସଂଘୀୟ କିନ୍ତୁ କାର୍ଯ୍ୟତଃ ଐକିକ । ଗୋଟିଏ ପଟେ ସଂଘୀୟ ବ୍ୟବସ୍ଥାର ସମସ୍ତ ଲକ୍ଷଣ ରହିଛି ଅନ୍ୟ ପଟେ କେନ୍ଦ୍ର ରାଜ୍ୟଠାରୁ କ୍ଷମତାଶାଳୀ ଅଟେ ।

ଯେଉଁ ସମୟରେ ଭାରତର ସମ୍ବିଧାନ ପ୍ରସ୍ତୁତ କରାଗଲା । ଭାରତ ଗୋଟିଏ ଋପ ମଧ୍ୟ ଦେଇ ଗତି କରୁଥିଲା ଯଥା – ଦେଶର ବିଭାଜନ, ସାଂପ୍ରଦାୟିକ ଦଙ୍ଗା ଓ ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣକୁ ନେଇ ଅସୁବିଧା ଯଥା – କାଶ୍ମୀର । ତେଣୁ ସମ୍ବିଧାନର ପ୍ରଣେତାମାନେ ଚିନ୍ତା କଲେ କେନ୍ଦ୍ର ସରକାରକୁ କେତେଗୁଡିଏ ଆବଶ୍ୟକୀୟ କର୍ତ୍ତୃତ୍ୱ ପ୍ରଦାନ କରିବା ଜରୁରୀ । ଯାହା ଫଳରେ ଜରୁରୀ ସମୟରେ ଯେତେବେଳେ ଦେଶର ସୁରକ୍ଷା ଓ ସ୍ଥାୟୀତ୍ୱ ଆଭ୍ୟନ୍ତରୀଣ ଓ ବର୍ହି ସ୍ତରରେ ଅସୁରକ୍ଷିତ ହେବ, କେନ୍ଦ୍ର ତାହାର କ୍ଷମତା ପ୍ରୟୋଗ କରିପାରିବ । ତେଣୁ ଦେଶର ସୁରକ୍ଷା, ଅଖଣ୍ଡତା ଓ ସ୍ଥାୟୀତ୍ୱକୁ ରକ୍ଷା କରିବା ପାଇଁ ଓ ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ଫଳପ୍ରଦ କରିବାପାଇଁ ସମ୍ବିଧାନରେ କେତେଗୁଡ଼ିଏ ଜରୁରୀକାଳୀନ ବ୍ୟବସ୍ଥା କରାଗଲା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିଲାପରେ, ତୁମେ

- ଜରୁରୀ ସମୟରେ କେନ୍ଦ୍ର କିଛି ସ୍ୱତନ୍ତ୍ର କ୍ଷମତା ଉପଭୋଗ କରେ ଏହା ବ୍ୟତୀତ କେନ୍ଦ୍ରର କୌଣସି ସୁଯୋଗ ନଥାଏ ବୋଲି ଜାଣି ପାରିବ ।
- ସେହି ସବୁ ପରିସ୍ଥିତିକୁ ଜାଣିପାରିବ ଯେଉଁ ସମୟରେ ରାଷ୍ଟ୍ରପତି ଧାରା ୩୫୨ ଅନୁସାରେ ଜାତୀୟ ଜରୁରୀ ପରିସ୍ଥିତି ଜାରି କରିପାରିବେ ।
- ବିଶେଷ ଭାବରେ ମୌଳିକ ଅଧିକାର, କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ଅର୍ଥନୈତିକ କାର୍ଯ୍ୟକ୍ରମ ଉପରେ ଜାତୀୟ ଜରୁରୀ ପରିସ୍ଥିତିର କ'ଣ ପ୍ରଭାବ ପଡିବ ଆଲୋଚନା କରିପାରିବ ।
- ଜାତୀୟ ଜରୁରୀ ପରିସ୍ଥିତି ଘୋଷଣାର ଉଦାହରଣ ତାହାର ସମୟ ଓ ପ୍ରଭାବ ବିଷୟରେ ଜାଣି ପାରିବ ।
- ରାଷ୍ଟ୍ରପତି କେଉଁ ପରିସ୍ଥିତିରେ ୩୫୬ ଧାରା ଅନୁସାରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିପାରିବେ ସେ ବିଷୟରେ ଜାଣିପାରିବ ।
- କେଉଁ ସମୟରେ ଏପରି ଜରୁରୀ ପରିସ୍ଥିତି ଜାରି କରାଯାଇଥିଲା ତାହାର ଉଦାହରଣ ଜାଣିପାରିବ ।
- ରାଷ୍ଟ୍ରପତି ଶାସନ ଜାରି ଫଳରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉପୁଜିଥିବା ବିବାଦ ଗୁଡିକୁ ମନେ ପକାଇ ପାରିବ ।





- କେଉଁ ପରିସ୍ଥିତିରେ ୩୬୦ ଧାରା ଅନୁସାରେ ଅର୍ଥନୈତିକ ଜରୁରୀ ପରିସ୍ଥିତି ଜାରି କରାଯାଇ ପାରିବ ଆଲୋଚନା କରି ପାରିବ ।
- ଅର୍ଥନୈତିକ ଜରୁରୀ ପରିସ୍ଥିତି ସମୟରେ କେନ୍ଦ୍ରର ଭୂମିକା ଆଲୋଚନା କରି ପାରିବ ।
- ଅର୍ଥନୈତିକ ଜରୁରୀ ପରିସ୍ଥିତିର ପରିଣାମ ବର୍ଣ୍ଣନା କରି ପାରିବ ।

## ୯.୧ ଯୁଦ୍ଧ ଓ ବହିଃ ଆକ୍ରମଣ ଜନିତ ଜରୁରୀ ପରିସ୍ଥିତିର

ଦେଶର ଶାନ୍ତି, ସୁରକ୍ଷା, ସ୍ଥାୟିତ୍ୱ ପ୍ରତି ଭୟ ସୃଷ୍ଟି କରୁଥିବା ଶକ୍ତିମାନଙ୍କୁ ପ୍ରତିହତ କରିବା ପାଇଁ ସମ୍ବିଧାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସେହିପରି ତିନିଗୋଟି ସ୍ୱତନ୍ତ୍ର ପରିସ୍ଥିତିର ସୂଚନା ଦିଆଯାଇଛି । ପ୍ରଥମତଃ ଯେତେବେଳେ ଯୁଦ୍ଧ କିମ୍ବା ବର୍ହିଶତ୍ରୁ ଆକ୍ରମଣର ଭୟ କିମ୍ବା ଆଭ୍ୟନ୍ତରୀଣ ଗଣ୍ଡଗୋଳ ଦ୍ୱିତୀୟ ଯେତେବେଳେ ରାଜ୍ୟ ସରକାରର ସମ୍ବିଧାନର ନୀତି ନିୟମ ଅନୁସାରେ ଶାସନ ପରିଚାଳନା କରି ନ ପାରିବେ ତୃତୀୟ ଦେଶର ଅର୍ଥନୈତିକ ବ୍ୟବସ୍ଥାରେ ଅଧୋପତନ ପ୍ରତ୍ୟେକ କ୍ଷେତ୍ରରେ ରାଷ୍ଟ୍ରପତି ଜରୁରୀ ପରିସ୍ଥିତି ଜାରୀ ପରିପାରିବେ । ଏହି ଅଧ୍ୟାୟରେ ଆମେ ଯୁଦ୍ଧ ଦ୍ୱାରା ସୃଷ୍ଟି ଜାତୀୟ ଜରୁରୀ ପରିସ୍ଥିତି ବିଷୟରେ ଆଲୋଚନା କରିବା ।

### ୯.୧.୧ ଜାତୀୟ ଜରୁରୀ ପରିସ୍ଥିତି (୩୫୨ ଧାରା)

ଭାରତର ସମ୍ବିଧାନ ଜରୁରୀ ପରିସ୍ଥିତି ଜାରି କରିବାର ବ୍ୟବସ୍ଥା ରହିଛି ଯଦି ଯୁଦ୍ଧ, ବହିଃଶତ୍ରୁ ଆକ୍ରମଣ ବା ଆଭ୍ୟନ୍ତରୀଣ ବିଦ୍ରୋହ ସୃଷ୍ଟି ହେବାର ସମ୍ଭାବନା ଥାଏ । ତାହାକୁ ଜାତୀୟ ଜରୁରୀ ପରିସ୍ଥିତି କୁହାଯାଏ । ଏହି ଜାତୀୟ ଜରୁରୀ ପରିସ୍ଥିତି ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷଣା କରାଯାଏ । ଯଦି ଭାରତର ରାଷ୍ଟ୍ରପତିଙ୍କର ହୃଦ୍‌ବୋଧ ହୁଏ ଯେ, ଭାରତ ବା ଏହାର କୌଣସି ଅଂଶର ନିରାପତ୍ତା ଯୁଦ୍ଧ, ବହିଃଶତ୍ରୁ ଆକ୍ରମଣ ବା ଆଭ୍ୟନ୍ତରୀଣ ସମସ୍ତ ବିଦ୍ରୋହ ଦ୍ୱାରା ବିପନ୍ନ ହୋଇଛି ବା ହେବାର ଅଛି ତେବେ ସେ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରିପାରିବେ । ୪୪ତମ ସମ୍ବିଧାନ ସଂଶୋଧନ ଅନୁସାରେ ଯେତେବେଳେ କେନ୍ଦ୍ର ମନ୍ତ୍ରୀ ପରିଷଦ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ପାଇଁ ଲିଖିତ ଭାବେ ଜଣାଇବେ ସେତେବେଳେ ରାଷ୍ଟ୍ରପତି ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରିପାରିବେ ।

ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ସଂସଦର ଉଭୟ ଗୃହରେ ଅନୁମୋଦନ ହେବା ଜରୁରୀ ଅଟେ । ଏହା ଘୋଷିତ ହେବାର ୧ ମାସ ମଧ୍ୟରେ ସଂସଦର ଉଭୟ ଗୃହ ଏହି ଘୋଷଣାକୁ ସେମାନଙ୍କ ମୋଟ ସଭ୍ୟ ସଂଖ୍ୟାର ଅର୍ଦ୍ଧାଧିକ ସଭ୍ୟ ଓ ଉପସ୍ଥିତ ହୋଇ ଭୋଟ ଦେଇଥିବା ଦୁଇ-ତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ଗୃହୀତ କଲେ, ନଚେତ୍ ଏହା ବଳବତ୍ତର ରହିବ ନାହିଁ । ଯଦି ଜରୁରୀ ପରିସ୍ଥିତି ଜାରି ସମୟରେ ଲୋକସଭା ଯାଇଥାଏ ଭାଙ୍ଗି କିମ୍ବା ଅଧିବେଶନ ଚାଲୁ ନଥାଏ । ତେବେ ୧ ମାସ ମଧ୍ୟରେ ରାଜ୍ୟସଭା ଏହାକୁ ଅନୁମୋଦନ କରିବ ଏବଂ ଲୋକସଭା ବସିବାର ୩୦ ଦିନ ମଧ୍ୟରେ ଏହାକୁ ଅନୁମୋଦନ କରିବାକୁ ହେବ । ସଂସଦରେ ଥରେ ଅନୁମୋଦନ ପାଇଗଲ । ଏହା ଅନୁମୋଦନ ହେବା ଦିନଠାରୁ ୬ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହାର ମିଆଦ ବୃଦ୍ଧି ଆବଶ୍ୟକ ହେଲେ ଏହାକୁ ପୁଣି ଥରେ ସଂସଦର ଉଭୟ ଗୃହରେ ଅନୁମୋଦିତ କରିବାକୁ ପଡିବ । ଏହପରି ଥରକେ ୬ମାସ କରି ଏହାକୁ ସଂସଦରେ ଅନୁମୋଦନ କରାଇ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଲାଗୁ କରାଯାଇ ପାରିବ । କିନ୍ତୁ ଯଦି ପରିସ୍ଥିତିର ଉନ୍ନତି ଆସେ ରାଷ୍ଟ୍ରପତିଙ୍କ ଦ୍ୱାରା ଜରୁରୀ ପରିସ୍ଥିତି ପ୍ରତ୍ୟାହାର କରାଯାଇପାରିବ ।

୪୪ତମ ସମ୍ବିଧାନ ସଂଶୋଧନ ଆଇନ୍‌ରେ ବ୍ୟବସ୍ଥା ରହି ଯେ, ଲୋକସଭାର ୧୦ ଭାଗରୁ ଏକ ଭାଗ ସଭ୍ୟ ଯଦି ଲିଖିତ ଆକାରରେ ଗୋଟିଏ ବୈଠକ ପାଇଁ ଲେଖି କରିଦେବେ ଏବଂ ଏହି ବୈଠକରେ


Notes

ସାଧାରଣ ସଂଖ୍ୟା ଗରିଷ୍ଠ ମତରେ ଜାତୀୟ ଜରୁରୀ ପରିସ୍ଥିତି ପ୍ରତ୍ୟାହାର କରାଯାଇପାରିବ । ଏପରି କ୍ଷେତ୍ରରେ ଜରୁରୀ ପରିସ୍ଥିତି ସଂଗେ ସଂଗେ ଅକାମି ହୋଇଯିବ ।

ଆମ ଦେଶର ଜାତୀୟ ଜରୁରୀ ପରିସ୍ଥିତି ତିନିଥର ଘୋଷଣା କରାଯାଇଅଛି । ପ୍ରଥମ କରି ୧୯୬୨ ମସିହା ଅକ୍ଟୋବର ତା୨୬ରିଖ ଚୀନ୍ ଆକ୍ରମଣ ପରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଥିଲା । ଏହି ଜାତୀୟ ଜରୁରୀ ପରିସ୍ଥିତି ୧୯୬୮ ମସିହା ଜାନୁଆରୀ ତା୧୦ରିଖ ପର୍ଯ୍ୟନ୍ତ ବଳବତ୍ତର ଥିଲା । ଦ୍ୱିତୀୟ ଥର ପାଇଁ ୧୯୭୧ ମସିହା ଡିସେମ୍ବର ତା୩ରିଖ ଜାତୀୟ ଜରୁରୀ ପରିସ୍ଥିତି ଜାରୀ କରାଯାଇଥିଲା । ଯାହା ଭାରତ – ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ଯୁଦ୍ଧକୁ ଦୃଷ୍ଟିରେ ରଖି ଓ ଏହା ୧୯୭୩ ମସିହା ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ଦ୍ୱିତୀୟ ଜରୁରୀ ପରିସ୍ଥିତି ବହିଃଶତ୍ରୁ ଆକ୍ରମଣରୁ ହୋଇଥିବାବେଳେ ତୃତୀୟ ଜରୁରୀ ପରିସ୍ଥିତି (ଆଭ୍ୟନ୍ତରୀଣ ବିଦ୍ରୋହ) ୧୯୭୫ ମସିହା ଜୁନ୍ ତା୨୫ରିଖରେ ଘୋଷଣା କରାଯାଇଥିଲା । ଏହି ଜରୁରୀ ପରିସ୍ଥିତି ଆଭ୍ୟନ୍ତରୀଣ ବିଦ୍ରୋହକୁ ନେଇ ଘୋଷଣା କରାଯାଇଥିଲା । ଏହି ଜରୁରୀ ପରିସ୍ଥିତି ଘୋଷଣାର ଆବଶ୍ୟକତା ନଥିଲା, କାରଣ ସରକାର ଦ୍ୱିତୀୟ ଜରୁରୀ ପରିସ୍ଥିତି ସମୟଠାରୁ ସାମରିକ ଶକ୍ତି ଦ୍ୱାରା କ୍ଷମତା ପ୍ରାପ୍ତ ହୋଇଥିଲେ ଯାହା ମଧ୍ୟ ବଳବତ୍ତର ଥିଲା ।

## ୯.୧.୨ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣାର ଫଳାଫଳ

ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ପଦ୍ଧତିର ଉଭୟ ଲୋକମାନଙ୍କ ଅଧିକାର ଓ ରାଜ୍ୟମାନଙ୍କ ସ୍ୱାତନ୍ତ୍ର୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ । ସେଗୁଡିକ ହେଲା –

୧। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ହେଉଛି ଯେ ସମ୍ବିଧାନର ସଂଘୀୟ ବ୍ୟବସ୍ଥା ଐକିକ ବ୍ୟବସ୍ଥାରେ ପରିଣତ ହୋଇଯାଏ । କେନ୍ଦ୍ରର କ୍ଷମତା ବୃଦ୍ଧି ପାଇଥାଏ ଏବଂ ସଂସଦ ସମଗ୍ର ଦେଶପାଇଁ ଆଇନ୍ ପ୍ରଣୟନ କରେ, ରାଜ୍ୟ ତାଲିକା ଭୁକ୍ତ ବିଷୟଗୁଡିକ ଉପରେ ମଧ୍ୟ ।


୨। ଭାରତର ରାଷ୍ଟ୍ରପତି ରାଜ୍ୟମାନଙ୍କର କାର୍ଯ୍ୟପାଳିକା କ୍ଷମତା କିପରି ଭାବରେ କାର୍ଯ୍ୟକାରୀ କରାଯିବ ତାହା ଉପରେ ନିର୍ଦ୍ଦେଶ ଦେଇଥା'ନ୍ତି ।

୩। ଏହି ସମୟରେ ଲୋକସଭାର କାର୍ଯ୍ୟକାଳ ଏକାଥରକେ ୧ ବର୍ଷ ଯାଏ ବୃଦ୍ଧି ହୋଇପାରେ । ଜରୁରୀ ପରିସ୍ଥିତି ଉଠିଯିବାର ୨ମାସ ପରଠାରୁ ଏହାକୁ ଆଉ ବଢ଼ାଯାଇ ପାରିବ ନାହିଁ । ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ମଧ୍ୟ ଏହିପରି ବଢ଼ିପାରେ ।

୪। ଜରୁରୀ ସମୟରେ  ରାଷ୍ଟ୍ରପତି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ରାଜସ୍ୱ ବଣ୍ଟନର ବ୍ୟବସ୍ଥାର ପରିବର୍ତ୍ତନ କରିପାରନ୍ତି ।

୫। ମୌଳିକ ଅଧିକାରର ଧାରା ୧୯ ଆପେ ଆପେ ନିଲମ୍ବିତ ହୋଇଯାଏ ଏବଂ ଏହା ଜରୁରୀ ପରିସ୍ଥିତି ପ୍ରତ୍ୟାହାର ପର୍ଯ୍ୟନ୍ତ ରହିଥାଏ କିନ୍ତୁ ୪୪ତମ ସମ୍ବିଧାନ ସଂଶୋଧନ ଫଳରେ ଧାରା ୧୯ରେ ବର୍ଣ୍ଣିତ ସ୍ୱାଧୀନତା ସବୁ ଯୁଦ୍ଧ କିମ୍ବା ବହିଃଶତ୍ରୁ ଆକ୍ରମଣ ଫଳରେ ଘୋଷଣା କରାଯାଇ ଜରୁରୀ ପରିସ୍ଥିତି ସମୟରେ ନିଲମ୍ବିତ ହୋଇପାରିବ ।

ଉପରିସ୍ଥ ଆଲୋଚନାରୁ ଜଣାଯାଏ ଯେ, ଜରୁରୀ ପରିସ୍ଥିତି ରାଜ୍ୟର ସ୍ୱାତନ୍ତ୍ର୍ୟ କେବଳ ନିଲମ୍ବିତ କରେ ନାହିଁ । ଏହା ସଂଘୀୟ ବ୍ୟବସ୍ଥାକ ଐକିକ ବ୍ୟବସ୍ଥାରେ ପରିବର୍ତ୍ତନ କରେ, ଅସ୍ୱାଭାବିକ ପରିସ୍ଥିତିକୁ ମୁକାବିଲା କରିବା ପାଇଁ କେନ୍ଦ୍ର ସରକାରକୁ ଅଧିକ କ୍ଷମତା ପ୍ରଦାନ କରାଯାଇଥାଏ କିନ୍ତୁ ୧୯୭୫ ମସିହା ଜୁନ୍ ତା୨୬ରିଖରେ ଘୋଷଣା କରାଯାଇଥିବା ଜାତୀୟ ଜରୁରୀ ପରିସ୍ଥିତିରେ କ'ଣ ସବୁ ଘଟିଥିଲା ?



Notes

ଇନ୍ଦିରାଗାନ୍ଧୀଙ୍କର ଲୋକସଭାକୁ ନିର୍ବାଚନ ଅସିଦ୍ଧ ଘୋଷଣା କରାଯାଇଥିଲା ଓ ବିରୋଧି ଦଳମାନେ ତାଙ୍କର ଇସ୍ତଫା ଦାବି କରିଥିଲେ । ଇସ୍ତଫା ପରିବର୍ତ୍ତେ ସେ ଆଭ୍ୟନ୍ତରୀଣ ଜରୁରୀ ପରିସ୍ଥିତି ଜାରି କରିଥିଲେ । ସମାଲୋଚକମାନେ ମତ ଦିଅନ୍ତି ଯେ ସେହି ସମୟରେ କ୍ଷମତାର ଅପବ୍ୟବହାର କରାଯାଇଥିଲା । ସମସ୍ତ ଗଣତନ୍ତ୍ର ବ୍ୟବସ୍ଥାକୁ ଅମାନ୍ୟ କରାଗଲା ବିରୋଧୀ ଦଳର ନେତାମାନଙ୍କୁ କାଠଗଡା ମଧ୍ୟରେ ଭର୍ତ୍ତି ଗରାଗଲା । ନିର୍ବାଚନକୁ ବନ୍ଦ କରିଦିଆଗଲା ଓ ଲୋକସଭାର ସମୟ ସୀମା ବର୍ଦ୍ଧିତ କରାଗଲା ଏବଂ ସମ୍ବାଦପତ୍ରର କଣ୍ଠରୁଦ୍ଧ କରାଗଲା । ଏହା କ୍ଷମତା ଅପବ୍ୟବହାର କରିବାର ମାଧ୍ୟମ ଥିଲା । ଯାହା ୧୯୭୭ ମସିହାରେ ଯେତେବେଳେ ଜନତା ଦଳ ସରକାରକୁ ଆସିଲା ୪୪ତମ ସମ୍ବିଧାନ ସଂଶୋଧନ ଆଇନ୍ ମାଧ୍ୟମରେ କେତେଗୁଡିଏ ସୁରକ୍ଷା ମୂଳକ ବ୍ୟବସ୍ଥା କରାଗଲା ଯାହା ଫଳରେ ଜରୁରୀ ସମୟରେ କ୍ଷମତାର ଅପ ବ୍ୟବହାର ବିରୁଦ୍ଧାଚରଣ କରାଗଲା ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୯.୧

**ଶୂନ୍ୟସ୍ଥାନ ପୂରଣ କର ।**

୧। ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ଦ୍ୱାରା ________ କୁ ଅଧିକ କ୍ଷମତା ପ୍ରଦାନ କରାଯାଏ ।

(କେନ୍ଦ୍ର ସରକାର, ରାଷ୍ଟ୍ରପତି, ସର୍ବୋଚ୍ଚ ନ୍ୟାୟାଳୟ)

୨। ଜାତୀୟ ଜରୁରୀ ପରିସ୍ଥିତି ________ ଧାରା ଅନୁସାରେ ଘୋଷଣା କରାଯାଏ ।

(୨୩୨, ୩୫୨, ୩୬୦)

୩। ଜାତୀୟ ଜରୁରୀ ସମୟରେ ଲୋକସଭାର କାର୍ଯ୍ୟକାଳ ________ ସମୟ ପର୍ଯ୍ୟନ୍ତ ବୃଦ୍ଧି କରାଯାଏ ।

(ଏକ ବର୍ଷ, ତିନି ବର୍ଷ, ପାଞ୍ଚ ବର୍ଷ)

୪। ଜାତୀୟ ଜରୁରୀ ପରିସ୍ଥିତି ସମୟରେ ________ଅଧିକାରକୁ ସୀମିତ କରାଯାଏ ।

(ସମାନତା, ସ୍ୱାଧୀନତା, ସମ୍ବିଧାନିକ ପ୍ରତିକାର)

୫। ୨୫ ଜୁନ୍ ୧୯୭୫ ମସିହାରେ ଜାତୀୟ ଜରୁରୀ ପରିସ୍ଥିତି________ କୁ ଆଧାର କରି ଘୋଷଣା କରାଯାଇଥିଲା ।

(ବହିଃଶତ୍ରୁ ଆକ୍ରମଣ, ଆଭ୍ୟନ୍ତରୀଣ ଗଣ୍ଡଗୋଳ, ଅର୍ଥନୈତିକ ସଂକଟ)

୬। ରାଷ୍ଟ୍ରପତି ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରି ପାରିବେ ଯଦି, ________ ।

(କ) ପ୍ରଧାନମନ୍ତ୍ରୀ ଗୋଟିଏ ଲିଖିତ ଉପଦେଶ ଦେବେ ।

(ଖ) କ୍ୟାବିନେଟ୍ ଲିଖିତ ଅନୁମୋଦନ ଦେବ ।

(ଗ) ସେ ନିଜେ ହୃଦ୍‌ବୋଧ ହେବେ ।

୭। ସଂସଦ ଥରେ ଅନୁମୋଦନ ପାଇଲେ, ଜାତୀୟ ଜରୁରୀ ପରିସ୍ଥିତି ________ ସମୟ ପର୍ଯ୍ୟନ୍ତ ବଳବତ୍ତର ରହିବ ।

(୬ମାସ, ଗୋଟିଏବର୍ଷ, ଦୁଇବର୍ଷ)

## ୯.୨ ରାଜ୍ୟ ସାମ୍ବିଧାନିକ ସଂକଟ ଜନିତ ଜରୁରୀ ପରିସ୍ଥିତି

କେନ୍ଦ୍ର ସରକାରର କର୍ତ୍ତବ୍ୟ ହେଉଛି ଯେ, ରାଜ୍ୟ ସରକାର ସମ୍ବିଧାନ ଅନୁସାରେ ଶାସନ ପରିଚାଳନା କରୁଛି କି ନାହିଁ ଯଦି କୌଣସିଟିରେ ସମ୍ବିଧାନ ସମ୍ମତ ସରକାର ଚାଲୁନାହିଁ କିମ୍ବା ସାମ୍ବିଧାନିକ ଅଚଳ ଅବସ୍ଥା ସୃଷ୍ଟି ହୋଇଛି । ସେଠାରେ ରାଜ୍ୟପାଳଙ୍କ ପରାମର୍ଶ ଅନୁସାରେ ଓ କେନ୍ଦ୍ର ସରକାରଙ୍କ ସୁପାରିଶ କ୍ରମେ ରାଷ୍ଟ୍ରପତି ସମ୍ବିଧାନର ୩୫୬ ଧାରା ଅନୁଯାୟୀ ରାଜ୍ୟ ସାମ୍ବିଧାନିକ ସଙ୍କଟ ଜନିତ ଜରୁରୀକାଳୀନ ଘୋଷଣା ବା ରାଷ୍ଟ୍ରପତି ଶାସନ ଜାରି କରିପାରିବେ ।

ଜାତୀୟ ଜରୁରୀ ପରି,ଏହା ମଧ୍ୟ ସଂସଦର ଉଭୟ ଗୃହର ଅନୁମୋଦନ ପାଇଁ ସୁପାରିଶ କରାଯିବ । ଏହି କ୍ଷେତ୍ରରେ ଦୁଇମାସ ମଧ୍ୟରେ ଅନୁମୋଦନର ଆବଶ୍ୟକତା ରହିଛି, ନଚେତ୍ ଏହା ଅସିଦ୍ଧ ହୋଇଯିବ । ଯଦି ସଂସଦ ଦ୍ୱାରା ଅନୁମୋଦନ ପାଏ ତେବେ ଏହା ଛଅମାସ ପର୍ଯ୍ୟନ୍ତ ବଳବତ୍ତର ରୁହେ । ଏହା ଆଉ ଛଅମାସ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିବ କିନ୍ତୁ ଏହା ଏକ ବର୍ଷରୁ ଅଧିକ ହେବନାହିଁ । ରାଜ୍ୟର ଜରୁରୀ ଅବସ୍ଥା ଏକବର୍ଷରୁ ଅଧିକ ରହିପାରିବ ଯଦି –

(କ) ଜାତୀୟ ଜରୁରୀ ପରିସ୍ଥିତି ଜାରି ହୋଇଥିବ ।

(ଖ) ଯଦି ନିର୍ବାଚନ ଆୟୋଗ ସେ ରାଜ୍ୟରେ ନିର୍ବାଚନ କରିବାର ପରିସ୍ଥିତିରେ ନଥିବେ ।

ଏହିପରି ଜରୁରୀ ଅବସ୍ଥା ବିଭିନ୍ନ ରାଜ୍ୟରେ ଅନେକ ଥର ଜାରି କରାଯାଇଛି । ୧୯୫୧ ମସିହାରେ ପ୍ରଥମ ଥର ପାଇଁ ପଞ୍ଜାବ ରାଜ୍ୟ ଏହି ପ୍ରକାର ଜରୁରୀ ଅବସ୍ଥା ଜାରି କରାଯାଇଥିଲା । ୧୯୭୭ ମସିହାରେ କେରଳ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା । ଅନେକ ସମୟରେ ସମ୍ବିଧାନିକ ବ୍ୟବସ୍ଥାର ଉଲଙ୍ଘନ କରାଯାଇଥାଏ । ଉଦାହରଣ ସ୍ୱରୂପ, ୧୯୭୭ ମସିହାରେ ଜନତା ଦଳ କେନ୍ଦ୍ରରେ କ୍ଷମତା ଗ୍ରହଣ କଲା, ଉତ୍ତର ଭାରତରେ କଂଗ୍ରେସ ଦଳ ସଂପୂର୍ଣ୍ଣ ଭାବେ ମୂଳପୋଛ ହୋଇଗଲା ସେଥିପାଇଁ ଦେଶାଇ ସରକାର କଂଗ୍ରେସର ନଅଗୋଟି ସରକାରକୁ ଭାଙ୍ଗିଦେଲେ, ଯେଉଁମାନେ କି କ୍ଷମତାରେ ଥିଲେ । ମୋରାରଜୀ ଦେଶାଇଙ୍କ ଏପରି କାର୍ଯ୍ୟକୁ କଂଗ୍ରେସ ଦଳ ଓ ଅନ୍ୟ ଦଳମାନେ ବିରୋଧ କରିଥିଲେ କିନ୍ତୁ, ୧୯୮୦ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ କେନ୍ଦ୍ରରେ ଶାସନ କ୍ଷମତାକୁ ଆସିଲା, ତାଙ୍କ ସରକାର ଯେସାକୁ ତେସା ନୀତିରେ, ସମସ୍ତ ରାଜ୍ୟର ଜନତା ସରକାରକୁ ଭାଙ୍ଗି ଦେଲେ । ଏହି ଉଭୟ ଘଟଣାରେ ସାମ୍ବିଧାନିକ କଳର ଅଚଳ ଅବସ୍ଥା ହୋଇ ନଥିଲା । କିନ୍ତୁ, ରାଜନୈତିକ କାରଣରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ।

୧୯୮୬ ମସିହାରେ ସନ୍ତ୍ରାସବାଦକୁ ନେଇ ଜାମୁ ଓ କାଶ୍ମୀରରେ ଜରୁରୀ ପରିସ୍ଥିତି ଜାରି କରାଯାଇଥିଲା । ବିଭିନ୍ନ ରାଜ୍ୟରେ ବିଭିନ୍ନ କାରଣରୁ ଶହେରୁ ଅଧିକ ଥର ଜରୁରୀ ପରିସ୍ଥିତି ଜାରି କରାଯାଇଛି । ୧୯୯୫ ପରେ ଏହାର କାର୍ଯ୍ୟକାରୀ ଅଧିକ ମାତ୍ରାରେ କମିଯାଇଛି ।

### ୯.୨.୧. ରାଜ୍ୟରେ ରାଷ୍ଟ୍ରପତି ଶାସନର ଫଳାଫଳ

ରାଜ୍ୟରେ ସାମ୍ବିଧାନିକ ଅଚଳ ଅବସ୍ଥା ସୃଷ୍ଟି ହେଲେ ଜରୁରୀ ପରିସ୍ଥିତି ଘୋଷଣା କରାଯାଏ ଓ ତାହା ଫଳାଫଳ ନିମ୍ନରେ ଆଲୋଚନା କରାଗଲା ।

୧। ରାଷ୍ଟ୍ରପତି ସମସ୍ତ କ୍ଷମତା ନିଜେ କିମ୍ବା ରାଜ୍ୟ ସରକାରର କୌଣସି କ୍ଷମତା / ସେ ସମସ୍ତ କ୍ଷମତା ରାଜ୍ୟପାଳକୁ ପ୍ରଦାନ କରନ୍ତି/ ଅନ୍ୟ କୌଣସି କାର୍ଯ୍ୟପାଳିକା କର୍ତ୍ତୃତ୍ୱକୁ ।

୨। ରାଷ୍ଟ୍ରପତି ରାଜ୍ୟ ବିଧାନସଭାକୁ ଭାଙ୍ଗିପାରନ୍ତି/ ନିଲମ୍ବିତ ଅବସ୍ଥାରେ ରଖିପାରନ୍ତି । ସେ ସଂସଦକୁ ଦାଇତ୍ୱ ଦିଅନ୍ତି ରାଜ୍ୟ ବିଧାନ ମଣ୍ଡଳ ତରଫରୁ ଆଇନ୍ ପ୍ରଣୟନ କରିବାକୁ ।

୩। ରାଷ୍ଟ୍ରପତି ଅନ୍ୟ କୌଣସି ବ୍ୟବସ୍ଥା କରନ୍ତି । ଏଇ ଘୋଷଣାର କାର୍ଯ୍ୟକାରିତାକୁ ନେଇ ।

ରାଷ୍ଟ୍ରପତି ଶାସନର କାର୍ଯ୍ୟକାରିତାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୁଏ । ସମସ୍ତ ସମୟରେ ପରିସ୍ଥିତି ପ୍ରକୃତରେ ଏହା ଦାବି କରେ କିନ୍ତୁ, ଅନ୍ୟ ସମୟରେ ରାଜନୈତିକ ଦୃଷ୍ଟିକୋଣରୁ ରାଷ୍ଟ୍ରପତି ଶାସନ ଜାରି କରାଯାଏ । ଯେଉଁ ସମୟରେ ଅନ୍ୟ ଗୋଟିଏ ରାଜନୈତିକ ଦଳ କେନ୍ଦ୍ର ବ୍ୟତୀତ ଶାସନ କ୍ଷମତାରେ ରହିଥାଏ । ଅନ୍ୟ ଗୋଟିଏ ରାନୈତିକ ଦଳକୁ ଶାସନ କରିବାର ସୁଯୋଗ ନଦେବା, ବିଧାନସଭାକୁ ନିଲମ୍ବିତ ବା ଭାଙ୍ଗିଦେବା ଧାରା ୩୫୬ ଅପବ୍ୟବହାର ବୋଲି ଧରାଯାଏ ।

ଏହି ସବୁରୁ ଜଣାଯାଏ ଧାରା ୩୫୬ର ପ୍ରୟୋଗ ଗୋଟିଏ ଦୋଦୁଲ୍ୟମାନ । ୪୪ତମ ସମ୍ବିଧାନ ସଂଶୋଧନରେ ଗୋଟିଏ ପ୍ରକାର ପ୍ରତିଶେଧକ ବ୍ୟବସ୍ଥା କରିବା ପରିବର୍ତ୍ତେ କେନ୍ଦ୍ର ସରକାର ଦ୍ୱାରା କ୍ଷମତାର ଅପବ୍ୟବହାର ବୋଲି ଅଭିଯୋଗ କରାଯାଇଥିଲା । ସେଥିପାଇଁ ଏହି ଧାରାର ଅପବ୍ୟବହାର ରୋକାଯିବା ପାଇଁ ସମ୍ବିଧାନ ବ୍ୟବସ୍ଥା କରିବାକୁ ଦାବି କରାଯାଇଅଛି । ସରକାରିଆ ଆୟୋଗ କେନ୍ଦ୍ର-ରାଜ୍ୟ ମଧ୍ୟରେ ଥିବା ସଂପର୍କର ପୁର୍ନବିଚାର କରିବା ପାଇଁ ନିଯୁକ୍ତ ହୋଇଥିଲା । ତାଙ୍କ ମତରେ ଏହି ଧାରାକୁ ପ୍ରୟୋଗ କରିବା ପାଇଁ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବା ଆବଶ୍ୟକ । ଆୟୋଗର ମତ ଅନୁସାରେ ସଂସଦର ବିନା ଅନୁମୋଦନରେ ରାଜ୍ୟ ବିଧାନସଭାକୁ ଭାଙ୍ଗିବା ଉଚିତ ନୁହଁ । ସାମ୍ବିଧାନିକ ଅଚଳ ଅବସ୍ଥାକୁ ଦେଖି କେନ୍ଦ୍ର ଜରୁରୀ ପରିସ୍ଥିତି ଜାରୀ କରିବା ପୂର୍ବରୁ ରାଜ୍ୟରେ ଅନ୍ୟ ଗୋଟିଏ ସରକାର ଗଠନ କରିବା ଉଚିତ ।

ସର୍ବୋଚ୍ଚ ନ୍ୟାୟାଳୟର ବୋମାର କେସ୍ ଅନୁସାରେ ସଂସଦର ଅନୁମୋଦନ ବିନା ବିଧାନସଭାକୁ ଭଙ୍ଗାଯାଇ ପାରିବ ନାହିଁ । ଅନେକ ଅଳ୍ପ ଘଟଣାରେ ଯଥା - ଗୁଜରାଲ୍ ସରକାର ଉତ୍ତର ପ୍ରଦେଶରେ ୩୫୬ ଧାରା ଅନୁସାରେ ଜରୁରୀ ପରିସ୍ଥିତି ଜାରୀ କରିବା ପାଇଁ ଅନୁମୋଦନ କରିଥିଲା । ରାଷ୍ଟ୍ରପତି ତାହାର ପୁର୍ନବିଚାର କରିବା ପାଇଁ ପେରାଇ ଦେଇଥିଲେ । କେନ୍ଦ୍ର ସରକାର ସୂଚନାକୁ ଗ୍ରହଣ କଲେ ଓ ତାହାକୁ ବାତିଲ୍ କରିଦେଲେ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୯.୨

**ଶୂନ୍ୟସ୍ଥାନ ପୂରଣ କର ।**

୧। ରାଜ୍ୟରେ ସାମ୍ବିଧାନିକ ଅଚଳ ଅବସ୍ଥା ପାଇଁ ସୃଷ୍ଟି ହୋଇଥିବା ଜରୁରୀ ଅବସ୍ଥା ________ ଧାରାରେ ବର୍ଣ୍ଣିତ ହୋଇଅଛି । (୩୫୨, ୩୫୬, ୩୬୦)

୨। ସଂସଦର ବିନା ଅନୁମୋଦନରେ ରାଷ୍ଟ୍ରପତି ଶାସନ ________ ମାସ ପର୍ଯ୍ୟନ୍ତ ଚାଲିପାରିବ । (ଏକ, ଦୁଇ, ଛଅ)

୩। ରାଜ୍ୟରେ ରାଷ୍ଟ୍ରପତି ଶାସନ ________ ସମୟ ପର୍ଯ୍ୟନ୍ତ ବଢ଼ାଯାଇ ପାରିବ । (ଏକ ବର୍ଷ, ଦୁଇ ବର୍ଷ, ତିନି ବର୍ଷ)

୪। ସାମ୍ବିଧାନିକ ଅଚଳ ଅବସ୍ଥା ଫଳରେ ରାଜ୍ୟରେ ଜରୁରୀ ଅବସ୍ଥା ________ ଙ୍କ ଉପଦେଶରେ ଘୋଷଣା କରାଯାଏ । (ମୁଖ୍ୟମନ୍ତ୍ରୀ, ବାଚସ୍ପତି, ରାଜ୍ୟପାଳ)

୫। ସଂସଦ ଏକ ସମୟରେ ________ ପାଇଁ ରାଷ୍ଟ୍ରପତି ଶାସନ ଜାରୀ ଉଦ୍ଦେଶ୍ୟରେ ଅନୁମୋଦନ କରିପାରିବ । (ତିନି ମାସ, ଛଅ ମାସ, ନଅ ମାସ)

## ୯.୩ ଆର୍ଥିକ ଜରୁରୀ ପରିସ୍ଥିତି

ଧାରା ୩୬୦ ଅନୁସାରେ ତୃତୀୟ ପ୍ରକାର ଜରୁରୀ ପରିସ୍ଥିତି ଆର୍ଥିକ ଜରୁରୀ ପରିସ୍ଥିତି ଅଟେ । ଯେତେବେଳେ ରାଷ୍ଟ୍ରପତିଙ୍କର ହୃଦ୍‌ବୋଧ ହେବ ଯେ, ଭାରତର ଆର୍ଥିକ ସ୍ଥିରତା ନାହିଁ ବା ଆର୍ଥିକ ଅବସ୍ଥାର

ଅବନତି ଘଟିଛି । ସେତେବେଳ ସେ ଦେଶର ଆର୍ଥିକ ଜରୁରୀ ପରିସ୍ଥିତି ଘୋଷଣା କରିପାରିବେ । ଅନ୍ୟ ଦୁଇଟି ଜରୁରୀ ପରିସ୍ଥିତି ପରି ଏହାର ମଧ୍ୟ ସଂସଦର ଅନୁମୋଦନର ବ୍ୟବସ୍ଥା ରହିଛି । ଏହାର ମଧ୍ୟ ଦୁଇମାସ ମଧ୍ୟରେ ସଂସଦର ଉଭୟ ଗୃହରେ ଅନୁମୋଦନ ହବା ନିଶ୍ଚିତ ଅଟେ । ଆର୍ଥିକ ଜରୁରୀ ପରିସ୍ଥିତି ସେହି ପର୍ଯ୍ୟନ୍ତ ରହିବ ଯେଉଁ ପର୍ଯ୍ୟନ୍ତ ଆର୍ଥିକ ମାନ୍ଦାବସ୍ଥା ରହିଥିବ ଓ ଅନ୍ୟ ଏକ ଘୋଷଣା ଦ୍ୱାରା ପ୍ରତ୍ୟାହାର କରାଯିବ ।

## ୯.୩.୧ ଆର୍ଥିକ ଜରୁରୀ ପରିସ୍ଥିତିର ଫଳାଫଳ

ଆର୍ଥିକ ଜରୁରୀ ପରିସ୍ଥିତି ଜାରୀ କରାଗଲେ ନିମ୍ନଲିଖିତ ପରିସ୍ଥିତି ସୃଷ୍ଟି ହୁଏ ।

୧। କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ନିର୍ଦ୍ଦେଶ ଦେଇଥାଏ ।

୨। ରାଷ୍ଟ୍ରପତି ରାଜ୍ୟର ସମସ୍ତ ସରକାରୀ କର୍ମଚାରୀମନାଙ୍କର ଦରମା ହ୍ରାସ କରିବା ପାଇଁ କହିପାରନ୍ତି ।

୩। ରାଷ୍ଟ୍ରପତି ରାଜ୍ୟର ସମସ୍ତ ଅର୍ଥନୈତିକ ବିଧେୟକଙ୍କୁ ସଂସଦର ବିଚାର ପାଇଁ ସଂରକ୍ଷଣ କରିବା ପାଇଁ କହିପାରିନ୍ତି ।

୪। ରାଷ୍ଟ୍ରପତି କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କର ଦରମା ହ୍ରାସ ଯଥା ସର୍ବୋଚ୍ଚ ଓ ଉଚ୍ଚ ନ୍ୟାୟାଳୟର ବିଚାରପତି ମାନଙ୍କ ଦରମା ହ୍ରାସର ନିର୍ଦ୍ଦେଶ ଦେଇପାରନ୍ତି ।

ଭାଗ୍ୟର କଥା ଆଜି ପର୍ଯ୍ୟନ୍ତ ଆର୍ଥିକ ଜରୁରୀ ପରିସ୍ଥିତି ଜାରି ହୋଇନାହିଁ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୯.୩

୧। ଧାରା ________ ଅନୁସାରେ ଆର୍ଥିକ ଜରୁରୀ ପରିସ୍ଥିତି ଜାରି କରାଯାଏ ।
(୩୫୨, ୩୫୬, ୩୬୦)

୨। ଆମ ଦେଶରେ ________ ଥର ଆର୍ଥିକ ଜରୁରୀ ପରିସ୍ଥିତି ଜାରି କରାଯାଇଛି ।
(ଥରେ, ଦୁଇ, ଜମା ନୁହେଁ)

୩। ଏକ ସମୟରେ ________ ସମୟ ପର୍ଯ୍ୟନ୍ତ ଆର୍ଥିକ ଜରୁରୀ ପରିସ୍ଥିତି ଜାରି କରାଯାଇ ପାରିବ ।
(ଦୁଇମାସ, ଛଅ ମାସ, ଚାହିଁବା ଅନୁସାରେ)


୪। ଆର୍ଥିକ ଜରୁରୀ ପରିସ୍ଥିତି ________ ସମୟ ମଧ୍ୟରେ ସଂସଦ ଦ୍ୱାରା ଅନୁମୋଦନ ହେବ ।
(ଦୁଇ ମାସ, ଚାରି ମାସ, ଛଅ ମାସ)

୫। ଆର୍ଥିକ ପରିସ୍ଥିତି ଘୋଷଣା ସମୟରେ ରାଷ୍ଟ୍ରପତି ________ ଦରମା ଓ ଭତ୍ତା କମାଇବା ପାଇଁ ନିର୍ଦ୍ଦେଶ ଦେଇପାରିବେ ।
(କେନ୍ଦ୍ର ସରକାରୀ କର୍ମଚାରୀ, ରାଜ୍ୟ ସରକାର କର୍ମଚାରୀ, ବିଚାରପତିଙ୍କ ସହିତ ସମସ୍ତ ସରକାରୀ କାର୍ଯ୍ୟକାରୀ)

---

## ତୁମେ କ'ଣ ଶିକ୍ଷା କଲ

ରାଷ୍ଟ୍ରର ସୁରକ୍ଷା, ଅଖଣ୍ଡତା ଓ ସ୍ଥାୟିତ୍ୱର ସୁରକ୍ଷା ପାଇଁ ରାଷ୍ଟ୍ରପତିଙ୍କୁ ସମ୍ବିଧାନ ଦ୍ୱାରା ଅନେକ ଅସ୍ୱାଭାବିକ କ୍ଷମତା ପ୍ରଦାନ କରାଯାଇଛି । ସେହି ଉଦ୍ଦେଶ୍ୟରେ କେନ୍ଦ୍ର କ୍ୟାବିନେଟ୍ ଲିଖିତ ଉପଦେଶ କ୍ରମେ ରାଷ୍ଟ୍ରପତିଙ୍କୁ ତିନିଗୋଟି ଜରୁରୀକାଳୀନ କ୍ଷମତା ପ୍ରଦାନ କରାଯାଇଛି । ଘୋଷଣା କରିବା ପାଇଁ ତିନିଗୋଟି ଜରୁରୀ ପରିସ୍ଥିତି ହେଲା —



Notes

୧। ଜାତୀୟ ଜରୁରୀ ପରିସ୍ଥିତି । (୩୫୨)
୨। ରାଜ୍ୟ ସାମ୍ବିଧାନିକ ସଂକଟ ଜରୁରୀ କରିସ୍ଥିତି । (୩୫୬)
୩। ଆର୍ଥିକ ଜରୁରୀ ପରିସ୍ଥିତି । (୩୬୦)

ଜାତୀୟ ଜରୁରୀ ପରିସ୍ଥିତି ତିନିଥର ଘୋଷଣା କରାଯାଇଛି । ଦୁଇଥର ବହିଃଶତ୍ରୁ ଆକ୍ରମଣ ଯଥା ଚୀନ୍ ଓ ପାକିସ୍ଥାନ ଏବଂ ଆଭ୍ୟନ୍ତରୀଣ ବିଦ୍ରୋହ ପାଇଁ ଥରେ ଜାତୀୟ ଜରୁରୀ ପରିସ୍ଥିତି ଜାରି କରାଯାଇଥିଲା । ଏହି ଜରୁରୀ ପରିସ୍ଥିତି ୧୯୭୫ ମସିହା ଜୁନ୍ ତା୨୫ଖରେ ଘୋଷଣା କରାଯାଇଥିଲା । ସାମ୍ବିଧାନିକ ଅଚଳ ଅବସ୍ଥା ପାଇଁ ବିଭିନ୍ନ ରାଜ୍ୟରେ ଅନେକ ଥର ଜରୁରୀ ପରିସ୍ଥିତି ଜାରି କରାଯାଇଛି । କିନ୍ତୁଆର୍ଥିକ ଜରୁରୀ ଅବସ୍ଥା ଆଜି ପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ ।

ଯେତେବେଳେ ଜରୁରୀ ଅବସ୍ଥା ଜାରୀ କରାଯାଏ ନାଗରିକମାନଙ୍କର ମୌଳିକ ଅଧିକାର ଉପରେ ପ୍ରଭାବ ପଡିଥାଏ । ଏହା ମଧ୍ୟ ରାଜ୍ୟ ସ୍ୱାତନ୍ତ୍ର୍ୟ ଉପରେ ପ୍ରଭାବ ପକାଇଥାଏ । କେନ୍ଦ୍ର ସରକାରର କ୍ଷମତା ବୃଦ୍ଧି ପାଇଥାଏ ଓ ଏହା ରାଜ୍ୟ ତାଲିକା ଉପରେ ଆଇନ୍ ପ୍ରଣୟନ କରିଥା'ନ୍ତି କେନ୍ଦ୍ର ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥା'ନ୍ତି । ପ୍ରକୃତରେ କହିବାକୁ ଗଲେ, ସମ୍ବିଧାନର ସଂଘୀୟ ପ୍ରକୃତି ଐକିକ ପ୍ରକୃତିରେ ପରିବର୍ତ୍ତନ ହୋଇଥାଏ । ଯେଉଁ ସମୟରେ ଜାତୀୟ ଜରୁରୀ ପରିସ୍ଥିତି ଜାରୀ କରାଯାଏ ସମ୍ବିଧାନ ଦ୍ୱାରା ପ୍ରଦତ୍ତ କେତେକ ମୌଳିକ ଅଧିକାରକୁ ନିଲମ୍ବିତ କରାଯାଏ ।

ଦ୍ୱିତୀୟ ପ୍ରକାର ଜରୁରୀ ପରିସ୍ଥିତି ଧାରା ୩୫୬ ଅନୁସାରେ ବାରମ୍ବାର ଜାରି କରାଯାଇଥିବା ଜରୁରୀ ପରିସ୍ଥିତି ଅଟେ । ଭାରତର ସମ୍ବିଧାନ ଅନୁସାରେ ଯଦି ରାଜ୍ୟ ସରକାର ସରକାର ଚଳାଇବା ଅସମର୍ଥ ହୁଏ ତେବେ, ରାଷ୍ଟ୍ରପତି ରାଷ୍ଟ୍ରପତି ଶାସନ ଜାରି କରିଥା'ନ୍ତି । ଏହା ଏକ ଅପ ବ୍ୟବହାରକାରୀ ଜରୁରୀ ପରିସ୍ଥିତି ଅଟେ ଯାହା ଅନେକଙ୍କ ଦ୍ୱାରା ସମାଲୋଚିତ ହେଉଛି ।

ତୃତୀୟ ପ୍ରକାର ଜରୁରୀ ପରିସ୍ଥିତି ଆର୍ଥିକ ଜରୁରୀ ପରିସ୍ଥିତି ଅଟେ ଯାହା ଆଜି ପର୍ଯ୍ୟନ୍ତ ଜାରୀ କରାଯଇନାହିଁ । ଏହି ଜରୁରୀ ପରିସ୍ଥିତି ସମୟରେ ରାଷ୍ଟ୍ରପତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସରକାରୀ କର୍ମଚାରୀ ଓ ବିଚାରପତିମାନଙ୍କର ଦରମା ଓ ଭତ୍ତା କମାଇଦେବା ପାଇଁ ନିର୍ଦ୍ଦେଶ ଦେଇଥା'ନ୍ତି । ଏହି ଜରୁରୀ ପରିସ୍ଥିତିର ଘୋଷଣା ଆର୍ଥିକ ମାନ୍ଦାବସ୍ଥାକୁ ସମାଧାନ କରିଥାଏ ।

କେନ୍ଦ୍ର କ୍ୟାବିନେଟ୍ ଲିଖିତ ଉପଦେଶ ଦ୍ୱାରା ରାଷ୍ଟ୍ରପତି ଜରୁରୀ ପରିସ୍ଥିତି ଜାରି କରିଥା'ନ୍ତି । ଜାତୀୟ ଜରୁରୀ ପରିସ୍ଥିତି ସଂସଦର ଉଭୟ ଗୃହର ଏକମାସ ମଧ୍ୟରେ ଅନୁମୋଦନ ଲାଭ କେଲେ ଓ ଅନ୍ୟ ଦୁଇ ଜରୁରୀ ପରିସ୍ଥିତି ଦୁଇମାସ ମଧ୍ୟରେ ସଂସଦର ଅନୁମୋଦନ ଆବଶ୍ୟକ କରେ । ଜାତୀୟ ଜରୁରୀ ପରିସ୍ଥିତି ଓ ରାଷ୍ଟ୍ରପତି ଶାସନ ସଂସଦ ଅନୁମୋଦନ ପାଇଲା ପରେ ଛଅ ମାସ ପର୍ଯ୍ୟନ୍ତ ବଳବତ୍ତର ରହେ । ଅନ୍ୟ ଛଅମାସ ବଳବତ୍ତର ପାଇଁ ସଂସଦର ଅନୁମୋଦନର ଆବଶ୍ୟକତା ଜରୁରୀ ଅଟେ । ଆର୍ଥିକ ଜରୁରୀ ବ୍ୟବସ୍ଥା କ୍ଷେତ୍ରରେ ଏହା ଥରେ ଗୃହୀତ ହେଲେ ଯେଉଁ ପର୍ଯ୍ୟନ୍ତ ଆବଶ୍ୟକ ହୁଏ, ସେ ପର୍ଯ୍ୟନ୍ତ ବଳବତ୍ତର ରହିଥାଏ ।

ଅସ୍ୱାଭାବିକ ପରିସ୍ଥିତିରେ ରାଷ୍ଟ୍ରପତିଙ୍କୁ ଜରୁରୀ ପରିସ୍ଥିତି କ୍ଷମତା ପ୍ରଦାନ କରାଯାଇଥାଏ । କ୍ଷମତାର ଅପ ବ୍ୟବହାର ଗଣତନ୍ତ୍ର ବ୍ୟବସ୍ଥାର ସ□ । ଲୋପ କରେ । ପାଞ୍ଚ ଦଶନ୍ଧିର ସମ୍ବିଧାନର କାର୍ଯ୍ୟ କରିବାକୁ ଦେଖିଲେ ଜଣାଯାଏ ଯେ ଅନେକ ସମୟରେ ଦେଶର ସ୍ୱାର୍ଥ ପାଇଁ ଜରୁରୀ ପରିସ୍ଥିତି ଜାରି କରାଯାଇଛି କିନ୍ତୁ କମ୍ କ୍ଷେତ୍ରରେ ରାଜନୈତିକ ଧାରଣା ଉପରେ ଜରୁରୀ ରପିସ୍ଥିତି ଜାରୀ କରାଯାଇଛି । କେତେକ ରାଜ୍ୟରେ କ୍ଷମତାର ଅପ ବ୍ୟବହାର ହୋଇଥିଲେ ମଧ୍ୟ ଜାତୀୟ ସ୍ୱାର୍ଥ ସୁରକ୍ଷା କ୍ଷେତ୍ରରେ ଜରୁରୀ ପରିସ୍ଥିତିର ଆବଶ୍ୟକତା ରହିଛି ।

## ପାଠ୍ୟାନ୍ତ ଅଭ୍ୟାସ

୧। ଭାରତର ସମ୍ବିଧାନରେ ବର୍ଣ୍ଣିତ ଜରୁରୀ ବ୍ୟବସ୍ଥା ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।

୨। ଭାରତୀୟ ନାଗରିକମାନଙ୍କ ଜୀବନକୁ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କିପରି ପ୍ରଭାବିତ କରିଛି ?

୩। କୌଣସି ପରିସ୍ଥିତିରେ ରାଷ୍ଟ୍ରପତି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରୀ କରନ୍ତି ।

୪। ରାଷ୍ଟ୍ରପତି ଶାସନ ସମୟରେ ରାଜ୍ୟର ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା କ୍ଷମତା କିପରି ଭାବରେ କାର୍ଯ୍ୟକାରୀ କରାଯାଏ ?

୫। ଆର୍ଥିକ ଜରୁରୀ ପରିସ୍ଥିତିର ଫଳାଫଳ କ'ଣ ?

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୯.୧**

୧। କେନ୍ଦ୍ର ଓ ସରକାର
୨। ୩୫୨
୩. ଗୋଟିଏ ବର୍ଷ
୪। ସ୍ୱାଧୀନତା
୫। ଆଭ୍ୟନ୍ତରୀଣ ବିଦ୍ରୋହ
୬। କ୍ୟାବିନେଟ୍ ଲିଖିତ ପ୍ରସ୍ତାବ
୭। ୬ ମାସ

**୯.୨**

୧। ଧାରା ୩୫୬
୨। ଦୁଇ ମାସ
୩। ଗୋଟିଏ ମାସ
୪। ରାଜ୍ୟପାଳ
୫। ଛଅ ମାସ

**୯.୩**

୧। ଧାରା ୩୬୦
୨। ଜମା ନୁହେଁ
୩। ରହିବା ଅନୁସାରେ
୪। ଦୁଇ ମାସ
୫। ସମସ୍ତ ସରକାରୀ କାର୍ଯ୍ୟକାରୀ ବିଚାରପତିଙ୍କ ସହିତ

### ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା :

୧। ବିଭାଗ ୯.୧, ୯.୨, ଏବଂ ୯.୩
୨। ବିଭାଗ ୯. ୧. ୨
୩। ବିଭାଗ ୯. ୨
୪। ବିଭାଗ ୯. ୨. ୨
୫। ବିଭାଗ ୯. ୩।